## ଯୁବକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,(ଡି.ଏନ.ଏ): ଠାକୁରଗଡ଼ ଥାନା ଆଦିବାସୀ ସାହିର ପବିତ୍ର ମହାପାତ୍ରଙ୍କୁ ତାଙ୍କ ପଡୋଶୀ ଚିନ୍ତାମଣି ନାୟକ ମାଡ଼ ମାରିଥିବା ରବିବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୨୮/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଉଭୟଙ୍କ ପରିବାର ମଧରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ରବିବାର ପବିତ୍ର ଘରେ ଥିବାବେଳେ ଚିନ୍ତାମଣି ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ସଂକ୍ଷେପରେ

### ବଅଁରପାଳ ତହସିଲ କାର୍ଯ୍ୟାଳୟରେ ୨୪ ପଦବୀ ଖାଲି




ବଅଁରପାଳ,୨୪।୭(ଡି.ଏନ.ଏ)- ବଅଁରପାଳ ତହସିଲ କାର୍ଯ୍ୟାଳୟରେ ୨୪ ପଦବୀ ଖାଲି ପଡ଼ିଛି। ସେହିପରି ବହୁ ଆର୍‌ଆଇ ସର୍କଲରେ ଅମିନ ଓ ଚେନ୍‌ମ୍ୟାନ ପଦବୀ ଖାଲି ରହିଛି। ଜୁନିୟର ଆସିଷ୍ଟାଣ୍ଟ ଜଣେ, ରେଭିନ୍ୟୁ ଇନ୍ସପେକ୍ଟର ୨, ଆସିଷ୍ଟାଣ୍ଟ ଆର୍‌ଆଇ ୯, ଅମିନ ୨, ପିଅନ ୫, ଚେନମ୍ୟାନ ୨, ପ୍ରସଭର ୨, ଚୌକିଦାର ଗୋଟିଏ ପଦବୀ ଖାଲି ରହିଛି। ଏହି ତହସିଲ ଅଧୀନରେ କୁରୁଡଲ, କୁମଣ୍ଡ, ଗିରଙ୍ଗ, ଜାରସିଂହା, ତୁବେ, ତୁରଙ୍ଗ, ନୂଆହତା, ଫୁଲପଡା, ବଅଁରପାଳ, ବଡ଼ କେରଜାଙ୍ଗ, ବଳରାମପ୍ରସଦ, ମହିଧରପୁର ଆଦି ୧୨ ଆର୍‌ଆଇ ସର୍କଲ ରହିଛି। କର୍ମଚାରୀ ଅଭାବରୁ ଜମିଜମା କାର୍ଯ୍ୟ ପାଇଁ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ବିଭିନ୍ନ ରାଜସ୍ୱ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏ ନେଇ ବଅଁରପାଳ ଅତିରିକ୍ତ ତହସିଲଦାର ସୁଶାନ୍ତ ନାୟକ କହିଛନ୍ତି, କାର୍ଯ୍ୟାଳୟରେ ୨୪ ପଦବୀ ଖାଲି ପଡ଼ିଛି। ଫଳରେ ବହୁ ସମସ୍ୟା ସୃଷ୍ଟି ହେଉଛି। କାମ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଲୋକେ ବିଳମ୍ବରେ ସେବା ପାଉଛନ୍ତି। ପଦବୀ ଗୁଡ଼ିକ ପୂରଣ ହେଲେ ବହୁ ସୁବିଧା ହେବ।

### ସଙ୍କୁଳସ୍ତରୀୟ ପ୍ରସ୍ତୁତି ବୈଠକ

ବଇଣ୍ଡା,୨୪।୭(ଡି.ଏନ.ଏ)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଶିଶୁ ମନ୍ଦିର ପରିସରରେ ଶୁକ୍ରବାର ଶିକ୍ଷା ବିକାଶ ସମିତି ପକ୍ଷରୁ ବଇଣ୍ଡା ସଙ୍କୁଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ସଙ୍କୁଳର ପ୍ରମୁଖ ଶିକ୍ଷାବିତ୍ ସଚିଦାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଠାକୁରଗଡ଼ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ସାହୁ, ଆଠମଲ୍ଲିକର ରୁଦ୍ର ମୋହନ ହୋତା, ଅନ୍ତୁଳିଆର ଲିସାରାଣୀ ପ୍ରଧାନ, ପାଇକସାହିର ମକୁଳ ମଞ୍ଜରି ପ୍ରଧାନ, ନାକିଚିର କୋଦଣ୍ଡ ଧର ପ୍ରଧାନ, ବାମୁର ନଦିନୀ ପ୍ରଧାନ, ରଣଆକଟାର ଅତିଶ କୁମାର ସାହୁ, ମାଧପୁର ନିଗମା ନନ୍ଦ କଳତା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସଙ୍କୁଳ ବାର୍ଷିକ ଯୋଜନା, ଆଗାମୀ ସଙ୍କୁଳ ବିଜ୍ଞାନ ମେଳା ଓ ସ୍ୱାଧୀନତାର ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଙ୍କୁଳ ଜ୍ଞାନବିଜ୍ଞାନ ମେଳା ଆଗାମୀ ଅଗଷ୍ଟ ୨୦ରେ ଆଠମଲ୍ଲିକ ଶିଶୁମନ୍ଦିରରେ ଆୟୋଜନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ସମସ୍ତ ଶିଶୁ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୋଜକ ରବୀନ୍ଦ୍ର ନାଥ ଜେନା ପରିଚାଳନା କରିଥିଲେ।

# ଚକ ଅଖ ସବୁ ଠପ୍

- ୫୫ନଂ. ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ
- ୬ ଘଣ୍ଟିଆ ରାଜପଥ ଅବରୋଧକୁ ବିପୁଳ ସମର୍ଥନ
- ସାମିଲ ହେଲେ ନିର୍ବାଚିତ ପ୍ରତିନିଧି, ସାମାଜିକ କର୍ମୀ

ଅନୁଗୋଳ ଅଫିସ, ୨୪।୭

କଟକ ଜିଲାର ମଙ୍ଗୁଳିରୁ ଅନୁଗୋଳ ଦେଇ ସମ୍ବଲପୁରକୁ ସଂଯୋଗ କରୁଥିବା ୫୫ନଂ. ଜାତୀୟ ରାଜପଥ ଶୋଚନୀୟ ହୋଇପଡ଼ିଛି। ଏହି ବ୍ୟସ୍ତବହୁଳ ସଡ଼କ ଦେଇ ଯାତାୟାତ କରିବାକୁ ଯାତ୍ରୀ ଭୟ କରୁଛନ୍ତି। ବାରମ୍ବାର ଆଲୋଚନା, ବୈଠକ ସତ୍ତ୍ୱେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ଢେଙ୍କାନାଳରେ ଓକିଲ ସଂଘ ପକ୍ଷରୁ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଥିବାବେଳେ ରବିବାର ଅନୁରୂପ ଭାବେ ଅନୁଗୋଳ ଆଇନଜୀବୀ ସଂଘର ଆହ୍ୱାନକ୍ରମେ ୬ ଘଣ୍ଟିଆ ରାଜପଥ ଅବରୋଧ ପାଳିତ ହୋଇଛି। ଦଳଗତ ନିର୍ବିଶେଷରେ ଏହାକୁ ସମସ୍ତେ ସମର୍ଥନ କରିଥିବାବେଳେ ଚକ ଅଖ ସବୁ ଠପ୍ ହୋଇଯାଇଥିଲା।

ଅନୁଗୋଳ ଜିଲାରେ ଜାତୀୟ ରାଜପଥର ଦୁରାବସ୍ଥା ପାଇଁ ଗତ ୫ ବର୍ଷ ମଧ୍ୟରେ ୬୦୦ ଲୋକଙ୍କ ଜୀବନ ଯାଇଛି। ଛୋଟ ବଡ଼ ଦୁର୍ଘଟଣା ନିତିଦିନିଆ ହୋଇଛି।


ବିଧାୟକମାନେ ବାଇକ ରାଲି କରି ଯାଉଛନ୍ତି।

ବିଶେଷ କରି ବଅଁରପାଳ ଛକରୁ ସନ୍ତ୍ରୀ ଛକ ଯାଏ ରାସ୍ତା ବେହାଲ ହୋଇପଡ଼ିଛି। ବର୍ଷା ହେଲେ କାଦୁଅ ପଚପଚ ହୋଇପଡୁଥିବା ରାସ୍ତାର ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। କେତେକ ସ୍ଥାନ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ହୋଇ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଲୋକମାନେ ଜାଲ ଧରି ମାଛ ଧରିବାର ଅଭିନୟ କରିବା ସହ ପ୍ରଶାସନକୁ ଟ୍ରୋଲ୍ କରୁଛନ୍ତି। ଅବଧି ସମୟ ଶେଷ ହୋଇଯାଇଥିଲେ ମଧ କାର୍ଯ୍ୟ ସରୁନାହିଁ। ଠିକାସଂସ୍ଥାର ବେପରୁଆ ମନୋଭାବରୁ ଏଭଳି ସମସ୍ୟା ଲାଗି ରହିଥିବାବେଳେ ଓକିଲା ସଂଘ ପକ୍ଷରୁ ରବିବାର ୬ ଘଣ୍ଟିଆ ରାଜପଥ ଅବରୋଧ ଡ଼ାକରା ଦିଆଯାଇଥିଲା।

ସଂଘ ପକ୍ଷରୁ ପଞ୍ଚମହଲାରେ ରାସ୍ତାରୋକୋ କରାଯିବା ପରେ ହୁଲୁରିସିଂହା ଛକରେ ଟାୟାର ଜାଳି ରାଜପଥକୁ ଅବରୋଧ କରାଯାଇଥିଲା। ଏହାପରେ ଥାନା ଛକ, ରାଜ ହୋଟେଲ ଛକରେ ଅନୁରୂପ ପ୍ରତିବାଦ କରାଯାଇଥିଲା। ଓକିଲ ସଂଘର ସଭାପତି ଦିଲିପ କୁମାର ସାହୁଙ୍କ ନେତୃତ୍ୱରେ ସମ୍ପାଦକ ଧ୍ରୁବଚରଣ ସାହୁ, ଉପସଭାପତି ଭବାନୀ ଶଙ୍କର ପ୍ରଧାନ, ସହସମ୍ପାଦକ ପ୍ରେମାନନ୍ଦ ସାହୁ, କୋଷାଧକ୍ଷ ଗୋପାଳ ଅଗ୍ରୱାଲ, ସଂସ୍କୃତିକ ସମ୍ପାଦକ କୁଶ ସାହୁ, ବରିଷ୍ଠ ଆଇନଜୀବୀ ଭୂପେଶ ପ୍ରଧାନ, ସୁବାସ ଚନ୍ଦ୍ର ମିଶ୍ର, ପ୍ରଦୀପ ଦେବତା, ଦୁଷ୍ମନ୍ତ ସେନାପତି, ପ୍ରଦୀପ୍ତ ସାହୁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

ସେହିପରି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ରମେଶ ସାଏ, ପାଲଲହଡ଼ା ବିଧାୟକ ମୁକେଶ ପାଲ, ଯୁବନେତା ଅରୁଣାଭ ସିଂ, ନଗରପାଳ ଅକ୍ଷୟ କୁମାର ସାମନ୍ତ, କଂଗ୍ରେସ ଜିଲା ସଭାପତି ବିପ୍ଳବ ଜେନା, ସାମାଜିକ କର୍ମୀ ମାନସ ପାଳ, ନବକିଶୋର ପ୍ରଧାନ, ପର୍ଶୁରାମ ଦାସ, ଅନୁଗୋଳ ବସ୍ ମାଲିକ ସଂଘ ସଭାପତି ମାନସ ସାମଲ, ବଣିକ ସଂଘର ଜିତେନ୍ଦ୍ର ଗୁପ୍ତା, ମାରୱାଡ଼ି ଯୁବମଞ୍ଚର ରଣଜିତ୍ ମାଣ୍ଡୋଠିଆ, ବଣିକସଂଘ ଆର୍.କେ. ଶୁକ୍ଳା, ଟ୍ରକ୍ ମାଲିକ ସଂଘ, ନାଲକୋ ଶ୍ରମିକ ସଙ୍ଗଠନ ସମେତ ବିଭିନ୍ନ ସ୍ଥାନରେ ଓକିଲ ସଂଘ ପକ୍ଷରୁ ବନ୍ଦକୁ ଭରପୂର ସମର୍ଥନ ମିଳିଥିଲା। ଅନୁଗୋଳର ବିଭିନ୍ନ ଅନୁଷ୍ଠାନ ମଧ ସ୍ୱତଃପୂର୍ତ୍ତ ଭାବେ ଏହାକୁ ସମର୍ଥନ କରିଥିଲେ। ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଓକିଲ ସଂଘ ସଭାପତି ସାହୁ ସୂଚନା ଦେଇଛନ୍ତି।

## ବୃକ୍ଷରୋପଣ କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ,୨୪।୭

ପୂର୍ବତନ ଡେପୁଟି ରେଞ୍ଜର ସ୍ୱର୍ଗତ ଜୟନ୍ତ କୁମାର ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶନିବାର ବନ୍ତଲା ନିକଟସ୍ଥ ହମାମିରା ଗ୍ରାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗ୍ରାମର ଶ୍ରୀ ଗଣେଶ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମା' ଗ୍ରାମେଶ୍ୱରୀ କ୍ରିକେଟ୍ କ୍ଲବର ସଦସ୍ୟମାନେ ଏକାଠି ହୋଇ ଗାଁ ଖେଳ ପଡ଼ିଆ ନିକଟରେ ଶତାଧିକ ଚାରା ଲଗାଇଥିଲେ। ବେଡ଼ାଶାସନ ସରପଞ୍ଚ ନିରୁପମା ସାହୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପରେ ଗାଁ ଯୁବକଙ୍କ ଦ୍ୱାରା ରାଧାଚୂଡ଼ା, କୃଷ୍ଣଚୂଡ଼ା, କରଞ୍ଜ, ନିମ୍ବ, ଅଁଳା, ଚାକୁଣ୍ଡା ଆଦି ଚାରା ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦୁଷ୍ମନ୍ତ ସାହୁ, ଗଣେଶ୍ୱର ସାହୁ, ସୂର୍ଯ୍ୟକାନ୍ତ ଗଡ଼ନାୟକ, ସୁବ୍ରତ ସାହୁ, ବିଷ୍ଣୁ ବେହେରା, ଯଶୋବନ୍ତ ନାରାୟଣ ସାହୁ, ପ୍ରଣୟ ଦେହୁରୀ, ସୁବ୍ରତ ଗଡ଼ନାୟକ, ସତ୍ୟକାନ୍ତ ସାହୁ, କାହ୍ନା ଗଡ଼ନାୟକ, ଜଗନ ସାହୁ, ସୁମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପଡ଼ିଆ ନିକଟରେ ଥିବା ଖାଲି ଜାଗାରେ ୧ ହଜାର ଗଛ ଲଗାଇବାକୁ ଯୋଜନା କରାଯାଇଛି।

## ଶ୍ରମିକଙ୍କ ସମସ୍ୟା ଉପରେ ଆଲୋଚନା



ପ୍ରତିଷ୍ଠା ଦିବସ ଅବସରରେ ମଞ୍ଚାସୀନ ଅତିଥିମାନେ।

ବଅଁରପାଳ, ୨୪।୭ (ଡି.ଏନ.ଏ.)

ବିଦ୍ୟୁତ୍ ମଜଦୁର ସଂଘ ସହବନ୍ଧିତ ନାଲ୍‌କୋ ବିଦ୍ୟୁତ ମଜଦୁର ସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ପ୍ରସନ୍ନ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ନିତ୍ୟାନନ୍ଦ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ମନୋଜ ଅମାନ୍ତ ବାର୍ଷିକ ବିବରଣୀ ପାଠ ସହ ପ୍ରତିଷ୍ଠା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋ ଡିଏଚ୍‌ଆର୍ ରାଧେଶ୍ୟାମ ମହାପାତ୍ର, ସମ୍ମାନିତ ଅତିଥି ଭାବେ ନାଲ୍‌କୋ ଇଡି ଅମ୍ବିକା ପ୍ରସାଦ ପଣ୍ଡା, ସିପିପି ମହାପ୍ରବନ୍ଧକ ସୁଧୀର ପଟ୍ଟନାୟକ, ଜିଜିଏମ୍ ଏସ୍.ଏନ. ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅରୁଣ କୁମାର ପ୍ରଧାନ ଉପସ୍ଥିତ ଥିଲେ। ପ୍ଲାଣ୍ଟର ଉନ୍ନତି ଓ କାର୍ଯ୍ୟରତ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ଏଥିରେ ଆଲୋଚନା ହୋଇଥିଲା। ସଭାରେ ପ୍ରକାଶ ସିଂ, ସୁବାସ କୋଲିଆ, ଗୁଣନିଧି ଆରୁକ୍କୁ, ବନୋଜ ମହଲା, ସରୋଜ ସାହୁ, ଗଦାଧର ନାୟକ. ସୁଶୀଲ ସାହୁ, ଆଶିଷ ସିଂଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଦେଉଳଝରିରେ ସଫେଇ କାର୍ଯ୍ୟକ୍ରମ

ଆଠମଲ୍ଲିକ,୨୪।୭(ଡି.ଏନ.ଏ)

ଆଠମଲ୍ଲିକ ଏନ୍‌ଏସି ତରଫରୁ ରବିବାର ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଦେଉଳଝରି ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରାବଣ ମାସ ସୋମବାର ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର କାଉଡିଆ ଏଠାକୁ ଜଳ ଲାଗି ପାଇଁ ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଏନ୍‌ଏସି ଅଧକ୍ଷା ଆଶା କୁମାରୀ ସାହୁ, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କ ଉପସ୍ଥିତିରେ ସଫେଇ କର୍ମଚାରୀ ମନ୍ଦିର ପରିସରକୁ ସଫେଇ କରିଥିଲେ। ପୂର୍ବରୁ ଗଦା ହୋଇ ରହିଥିବା ମଇଳା ଟ୍ରାକ୍ଟରରେ ସ୍ଥାନାନ୍ତର କରାଯାଇଥିଲା। ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଲଳିତ ମୋହନ ବେହେରାଙ୍କ ନିର୍ଦ୍ଦେଶରେ ଶ୍ରାବଣ ମାସର ପ୍ରତି ରବିବାର ଦେଉଳଝରିକୁ ସଫା କରାଯିବ ବୋଲି ନିର୍ବାହୀ ଅଧିକାରୀ ଜେନା ପ୍ରକାଶ କରିଥିଲେ।

## ଦକ୍ଷତା ବିକାଶ କର୍ମଶାଳା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ।

କଣିହାଁ,୨୪।୭(ଡି.ଏନ.ଏ)

ୟୁନିଟ୍ ଅଫ ସାଇନ୍ସ ଆଣ୍ଡ ଏଜୁକେଶନ ଡେଭଲପମେଣ୍ଟ (ୟୁନିସେଡ୍) ଏବଂ କଣିହାଁ ଏନ୍‌ଟିପିସି ମିଳିତ ସହଯୋଗରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ(ଆର୍‌ଏଏ) ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲାର ଏନ୍‌ଟିପିସି ତାଳଚେର ନିକଟରେ ଥିବା ୧୦ ସରକାରୀ ବିଦ୍ୟାଳୟ ଏବଂ ଏନ୍‌ଟିପିସି କଣିହାଁ ନିକଟରେ ଥିବା ୧୦ ସରକାରୀ ବିଦ୍ୟାଳୟରେ ଏହି କର୍ମଶାଳା ହୋଇଥିଲା। ଜୁଲାଇ ୨୨ ଏବଂ ୨୩ ଦୁଇଦିନ ଧରି ଏହି କର୍ମଶାଳା ଚାଲିଥିଲା। ଆଇଆଇଟି, ଏନ୍‌ଆଇଟି ଏବଂ ଇସ୍ରୋ ପରି ପ୍ରତିଷ୍ଠାନଗୁଡ଼ିକୁ ସରକାରୀ ବିଦ୍ୟାଳୟ ଗୁଡ଼ିକର ନିକଟତର କରି ବିଜ୍ଞାନ ଏବଂ ଗଣିତ ଶିକ୍ଷାକୁ ଆନନ୍ଦଦାୟକ କରିବାକୁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ(ଆର୍‌ଏଏ) ଲକ୍ଷ୍ୟ ରଖିଛି। ରାଷ୍ଟ୍ରୀୟ ଅଭିଷେକ ଅଭିଯାନ ଏବଂ ଭାରତ ସରକାରଙ୍କ ନୀତି ପରାମର୍ଶଦାତା ଅବନେଶ ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଏହି କର୍ମଶାଳା ଆରମ୍ଭ ହୋଇଥିଲା। ଅତିରିକ୍ତ ଜେନେରାଲ ମ୍ୟାନେଜର (ସିଏସ୍‌ଆର୍) କଣିହାଁ ଏନ୍‌ଟିପିସି ରଫିକ୍କ ଇସଲାମ, ଜାତୀୟ ଉତ୍ସ ବ୍ୟକ୍ତି-ଆର୍‌ଏଏ ଏବଂ ନିର୍ଦ୍ଦେଶକ-ପେଡାଗୋଜି ଡାକ୍ତର ଆର.ଏନ. ଲେଙ୍କା, ରିସର୍ଚ୍ଚ ଆଣ୍ଡ ଇନୋଭେଶନ, ୟୁନିସେଡ, ଏବଂ ଆଇଆଇଟି କାନପୁର ସିଏସଇ ବିଭାଗର ସିନିୟର ପ୍ରୋଜେକ୍ଟ ଇଞ୍ଜିନିୟର ଅନୁରାଗ ପାଣ୍ଡେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁରାଗ ପାଣ୍ଡେ ଧ୍ୱନି ତରଙ୍ଗ, ବାୟୁ ଚାପ, ଜଳ ଚାପ, ଜ୍ୟାମିତ ଏବଂ ଅଙ୍ଗାରକାମ୍ଳର ସଂଶ୍ଳେଷଣ ସହିତ ଜଡିତ କାର୍ଯ୍ୟକଳାପ ପ୍ରଦର୍ଶନ କରିଥିଲେ। ଆର୍‌ଏଏର ଶିକ୍ଷାଗତ ଦୃଷ୍ଟିକୋଣ ଏବଂ ଶ୍ରେଣୀଗୃହ ପରିସ୍ଥିତି ଉପରେ ଡକ୍ଟର ଆର. ଏନ ଲେଙ୍କା ଗୁରୁତ୍ୱାରୋପ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ଗଣିତ କାର୍ଯ୍ୟକ୍ରମର ପୂର୍ବତନ ପରାମର୍ଶଦାତା ଉଜମା ମଲିକ ବିଭିନ୍ନ ଗଣିତ ଧାରଣା ଉପରେ ବୁଝାଇଥିଲେ।

## ଭାଜପାର ଅଭିଯୋଗ: ଚାଷୀଙ୍କୁ ମିଳୁନି ୟୁରିଆ

କଣିହାଁ, ୨୪।୭(ଡି.ଏନ୍.ଏ.)

କଣିହାଁ ବ୍ଲକ ରେଙ୍ଗାଳି ମଣ୍ଡଳ ଭାଜପା ପକ୍ଷରୁ ୪ର୍ଥ କାର୍ଯ୍ୟକାରିଣୀ ବୈଠକ ସଭାପତି ତ୍ରିପୁରାରୀ ପ୍ରଧାନଙ୍କ ଅଧକ୍ଷତାରେ ଝରାବେରେଣୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସେ କହିଥିଲେ, ରାଜ୍ୟର ବିଜେଡି ସରକାର କେନ୍ଦ୍ରୀୟ ଯୋଜନା



ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି।

ହଡ଼ପ କରି ବାହାଦୁରି ନେବାକୁ ଉଦ୍ୟମ କରୁଛି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଚାଷୀଙ୍କୁ ୟୁରିଆ ମିଳୁନାହିଁ। ସାର କଳାବଜାର ହେଉଛି। ଯୋଗାଣ କରାଯାଇଥିବା ଖରାପ ବିହନ ଦୁଃଖ ବଢ଼ାଇଛି। ଅଞ୍ଚଳବାସୀଙ୍କ ବହୁ ପ୍ରତୀକ୍ଷିତ ଦଲକ ଝରଣ ଜଳସେଚନ ପ୍ରକଳ୍ପ ଅଟକି ରହିଛି। କେନ୍ଦ୍ର ସରକାରଙ୍କ କୃଷିଭିତ୍ତିକ ଯୋଜନା ଚାଷୀଙ୍କ ନିକଟରେ ପହଞ୍ଚିପାରୁନାହିଁ ବୋଲି ସେ କହିଥିଲେ। ଏସ୍‌ସି ମୋର୍ଚ୍ଚା ରାଜ୍ୟ ଉପସଭାପତି ଚନ୍ଦନ ସ୍ୱରାଜ, ବରିଷ୍ଠ ନେତା ଜଗମୋହନ ପ୍ରଧାନ, ମାନସ ରଞ୍ଜନ ଆଚାର୍ଯ୍ୟ, ବିନୟ ପ୍ରଧାନ, ସମିତିସଭ୍ୟା ନମିତା ସାହୁ, ସରପଞ୍ଚ ରାଜେନ୍ଦ୍ର ବେହେରା, ଲିପିକା ପ୍ରଧାନ, ସଙ୍ଗୀତା ଡାକୁଆ ପ୍ରମୁଖ ମଞ୍ଚାସୀନ ଥିଲେ।

# ଜୀବନଯାତ୍ରା ପ୍ରଭାବିତ


କଣିହାଁ ବ୍ଲକ ବୁରୁକୁନା ଛକ

ବଇଣ୍ଡା/ବଅଁରପାଳ/କଣିହାଁ/ତାଳଚେର, ୨୪।୭(ଡି.ଏନ.ଏ/ନି.ପ୍ର.)

ଠିକାଦାରଙ୍କ ଅବହେଳା ପାଇଁ ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଦେଖାଦେଇଛି। ଏହାର ପ୍ରତିବାଦରେ ରବିବାର ଅନୁଗୋଳ ଓକିଲ ସଂଘ ପକ୍ଷରୁ ଦିଆଯାଇଥିବା ୬ଘଣ୍ଟିଆ ରାସ୍ତାରୋକୋ ଡାକରାକୁ ସବୁଠି ବିପୁଳ ସମର୍ଥନ ମିଳିଛି। ଫଳରେ ୬ଘଣ୍ଟା ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଥିବାବେଳେ ପ୍ରଭାବିତ ହୋଇଥିଲା ଜୀବନଯାତ୍ରା।

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥକୁ ୪ ଲେନ୍ ରାସ୍ତା ନିର୍ମାଣ କରିବା ପାଇଁ ୨୦୧୮ରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅଦ୍ୟାବଧି କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ବିଶେଷକରି କିଶୋରନଗର ବ୍ଲକରେ ମାତ୍ର ୪୦% କାମ ସରିଛି। ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହାର ପ୍ରତିବାଦରେ ଆଠମଲ୍ଲିକ ଓକିଲ ସଂଘ, ବଇଣ୍ଡା ଗ୍ରାମବାସୀ, ବାମୁର ପଞ୍ଚାଧାରା ଟ୍ରକ ମାଲିକ ସଂଘ, ଏବଂ ବିଜେଡି ପକ୍ଷରୁ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ଯାଏ ରାସ୍ତାରୋକୋ କରାଯାଇଥିଲା। ଓକିଲ ସଂଘ ସଭାପତି ସୁଶାନ୍ତ ମହାପାତ୍ରଙ୍କ ନେତୃତ୍ୱ ଆୟୋଜିତ ଏହି ଆନ୍ଦୋଳନରେ ବରିଷ୍ଠ ଆଇନଜୀବୀ ଯଜ୍ଞେଶ୍ୱର ପ୍ରଧାନ, ସମୀର ପ୍ରଧାନ, ସନ୍ତୋଷ ତ୍ରିପାଠୀ, ଉଗ୍ରସେନ ସେଠୀ, ପ୍ରାଣବନ୍ଧୁ ବେହେରା, କିଶୋରନଗର ବ୍ଲକ ଅଧକ୍ଷା ସୈରେନ୍ଦ୍ରୀ ପ୍ରଧାନ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ମାନସ ସାହୁ, ଅରୁଣ ସାହୁ, ସୁଧୀର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରାସ୍ତାନିର୍ମାଣ ହେଉ ନ ଥିବାରୁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଠିକାସଂସ୍ଥା ପକ୍ଷରୁ ନିର୍ମାଣ କରାଯାଇଥିବା ଅସ୍ଥାୟୀ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ତୁରନ୍ତ ରାସ୍ତା ମରାମତି କରା ନ ଗଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସେହିପରି ବାମୁରଠାରେ ଆୟୋଜିତ ରାସ୍ତାରୋକୋରେ ବିଜେଡି ନେତ୍ରୀ ବିଦ୍ୟୁତ୍‌ଲତା ପ୍ରଧାନ, ବିଧାୟକଙ୍କ ପ୍ରତିନିଧି କାଳିନ୍ଦୀ ଚରଣ ପ୍ରଧାନ ଓ ଅଞ୍ଚଳବାସୀ ସାମିଲ ହୋଇଥିଲେ।



ବଇଣ୍ଡା ଛକ



ତାଳଚେର

ଅନୁଗୋଳ ଓକିଲ ସଂଘ ପକ୍ଷରୁ ନାଲ୍‌କୋ ସ୍ମେଲଟର ଛକରେ ବିଜେଡି ଜିଲା ସଭାପତି ମହେନ୍ଦ୍ର ବସ୍ତିଆଙ୍କ ନେତୃତ୍ୱରେ ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ମୁକେଶ ପାଲ, ଆଠମଲ୍ଲିକ ବିଧାୟକ ରମେଶ ସାଏ, ଯୁବନେତା ଅରୁଣାଭ ସିଂ, ଜିଲାପରିଷଦ ସଭ୍ୟା ସୁଶୀଳା ନାୟକ, ଶ୍ରମିକ ନେତା ବିନୋଦ ବିହାରୀ ସେଠ, ଜିତେନ୍ଦ୍ର ଜେନା, ଆଇନଜୀବୀ କାଳୀଚରଣ କର, ଅଖିଳ ସାମଲ, ଅଖିଳ ପଣ୍ଡା ପ୍ରଦୀପ୍ତ ମହାପାତ୍ର, ସୁସେନ ଗଡ଼ନାୟକ, ବୈରାଗୀ ସେଠ ପ୍ରମୁଖ ରାସ୍ତାରୋକୋ ଆନ୍ଦୋଳନରେ ସାମିଲ ହୋଇଥିଲେ।

କଣିହାଁ ବ୍ଲକ ଦେଇ ଯାଇଥିବା ୫୩ନଂ. ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ନିର୍ବାଚିତ ପ୍ରତିନିଧିମାନେ ରାସ୍ତାରୋକୋ କରିଥିଲେ। ଫଳରେ ଏନଟିପିସି ଓ ଜେଆଇଟିପିଏଲ ପ୍ରକଳ୍ପକୁ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲ। ସେହିପରି ୧୪ନଂ ଜାତୀୟ ରାଜପଥ ବୁରୁକୁନାଠାରେ ରାସ୍ତାରୋକୋ କରାଯାଇଥିଲା।

ପାଲଲହଡ଼ାଠାରୁ ବଅଁରପାଳ ପର୍ଯ୍ୟନ୍ତ ରାଜରାସ୍ତାର ସମ୍ପ୍ରସାରଣ, ନବୀକରଣ, ମରାମତି ଦାବିରେ ତାଳଚେରରେ ଓକିଲ ସଂଘ ସଭାପତି ସନ୍ତୋଷ କୁମାର ସାହୁଙ୍କ ଆହ୍ୱାନକ୍ରମେ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ସଂଘ ସାଧାରଣ ସମ୍ପାଦକ ଦୀନବନ୍ଧୁ ସାହୁ, ଉପସଭାପତି ମାନସ ରଞ୍ଜନ ଶତପଥୀ, ସହସମ୍ପାଦକ ଚିନ୍ମୟ ରାଏ, ସାଂସ୍କୃତିକ ସମ୍ପାଦକ ରାଜେନ୍ଦ୍ର ସିଂ ଡିଙ୍ଗରା, କୋଷାଧ୍ୟକ୍ଷ କରୁଣାକର ନାୟକ, ପ୍ରତାପ ବିଶୋଇ, ନରେନ୍ଦ୍ର ନାଏକ, ରାହାସ ଜେନା, ପ୍ରସାଦ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମେଧାବୀଙ୍କୁ ସମ୍ବର୍ଦ୍ଧନା



**ବଇଣ୍ଡା, ୨୪।୭(ଡି.ଏନ୍.ଏ.):** କିଶୋରନଗର ବ୍ଲକ ରାଣିଆକଟା ଆଦର୍ଶ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ଝାମ୍ପୁଲିସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ପରିଚାଳକ ଆଶିଷ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଦିବାକର ମାଝି, ଅନ୍ୟତମ ଅତିଥି ଭାବେ ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି, ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ବଡ଼ମାଳି, ଅଶୋକ ସାହୁ, ଚିତ୍ତରଞ୍ଜନ ପ୍ରଧାନ, ବିଶ୍ୱଜିତ୍ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ସର୍ବାଧିକ ନମ୍ବର ରଖିଥବା ମୋତିଲାଲ ସାହୁଙ୍କ ସମେତ ଅନ୍ୟ ମେଧାବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ୨ ବାଇକ୍ ମଧ୍ୟରେ ଧକ୍କା, ୨ ଗୁରୁତର

**ବଇଣ୍ଡା, ୨୪।୭(ଡି.ଏନ୍.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ବଡ଼ଗୋବିନ୍ଦପୁର ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ସମ୍ବଲପୁର ଜିଲା କିସିଣ୍ଡା ଥାନା ଲଇସିଙ୍ଗା ଗ୍ରାମର ବୀରବର ପ୍ରଧାନ ଏବଂ ତାଙ୍କ ପୁଅ କେଶବ ପ୍ରଧାନ ଗୁରୁତର ହୋଇଛନ୍ତି। ଏ ନେଇ ବୀରବର ହଣ୍ଡପା ଥାନାରେ ଶନିବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୮୮/୨୨) ରୁଜୁ କରି ତଦନ୍ତ ଚଳାଇଛି। ବୀରବର ଏବଂ କେଶବ ବାଇକ୍ (ନଂ. ଓଡ଼ି ୨୮-୨୭୮୯)ରେ ବଡ଼ଗୋବିନ୍ଦପୁରସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ (ନଂ. ଓଡ଼ି ୧୯-୧୮୩୭ ) ସମ୍ମୁଖରୁ ଧକ୍କା ଦେଇଥିଲା। ପୋଲିସ ଉଭୟ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି।

### ଜିଲାସ୍ତରୀୟ ବେଦ ମହୋତ୍ସବ କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ, ୨୪।୭**

ଶ୍ରୀସତ୍ୟସାଇ ସେବା ସଙ୍ଗଠନ ଢେଙ୍କାନାଳ ଶାଖା ଆନୁକୂଲ୍ୟରେ ରବିବାର କପିଳାସ କୃଷ୍ଣକୁମାରପୁରସ୍ଥିତ ଶ୍ରୀଦତ୍ତାତ୍ରେୟ ସାଇ ଆଶ୍ରମ ପରିସରରେ ଜିଲାସ୍ତରୀୟ ବେଦ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଡା. ସତ୍ୟସ୍ୱରୂପ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଢେଙ୍କାନାଳ ସମେତ ବରଗଡ଼, ସୋନପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଅନୁଗୋଳ, କଟକ, ବାଲେଶ୍ୱର, ଯାଜପୁର, ଖୋର୍ଦ୍ଧା ଜିଲାର ୩୫୦ରୁ ଊର୍ଦ୍ଧ୍ୱ ବେଦ ଶିକ୍ଷାର୍ଥୀ ଯୋଗଦେଇଥିଲେ। ସଚ୍ଚିଦାନନ୍ଦ ରାୟ ବେଦର ବୈଜ୍ଞାନିକ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସଭାପତି ସୁଧାକର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଆବାହକ ବିଶ୍ୱଜିତ୍ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ବେଦ ସଂଯୋଜକ ଅମ୍ରିତା ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜୁ’ରେ ହୀନସ୍ତା ଜଙ୍ଗଲୀଜୀବ

- କପିଳାସ ପ୍ରାଣୀ ଉଦ୍ୟାନରେ ନାହିଁ ଭେଟେରିନାରି
- ଠିକା ଡାକ୍ତରରେ ଚାଲିଛି ୨୬୦ ବନ୍ୟପ୍ରାଣୀଙ୍କ ଚିକିତ୍ସା
- ହୋଇପାରୁନି ନମୁନା ପରୀକ୍ଷଣ, ମିଳୁନି ଜରୁରୀ ସେବା



ପ୍ରାଣୀଉଦ୍ୟାନରେ ଥିବା ହରିଣ।

**ଢେଙ୍କାନାଳ ଅଫିସ, ୨୪।୭**

ରାଜ୍ୟ ତଥା ରାଜ୍ୟ ବାହାର ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି ଢେଙ୍କାନାଳର କପିଳାସ ପ୍ରାଣୀ ଉଦ୍ୟାନ। ଜୁ’ରେ ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟର କାର୍ଯ୍ୟକ୍ଷମ ହେବା ପରେ ଏହାର ଗୁରୁତ୍ୱ ଅନେକାଂଶରେ ବଢ଼ିଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଉଦ୍ଧାର ହୋଇ ଏଠାକୁ ଆସୁଛନ୍ତି ମା’ ଦ୍ୱାରା ପରିତ୍ୟକ୍ତ ଏବଂ ଅସୁସ୍ଥ ହାତୀ। ଏଥିସହ ବିଭିନ୍ନ ପ୍ରଜାତିର ୨୬୦ରୁ ଊର୍ଦ୍ଧ୍ୱ ବନ୍ୟପ୍ରାଣୀ ମଧ୍ୟ ଏଠାରେ ରହୁଛନ୍ତି। ତେବେ ଏଭଳି ଏକ ସମ୍ବେଦନଶୀଳ ସ୍ଥାନରେ ଜଙ୍ଗଲୀଜୀବଙ୍କ ଚିକିତ୍ସା ପାଇଁ ନାହିଁ ଭେଟେରିନାରି ସୁବିଧା। ଫଳରେ ଜରୁରୀ ସମୟରେ ନା ମିଳିପାରୁଛି ଚିକିତ୍ସା ସେବା ନା ଆବଶ୍ୟକ ସମୟରେ ହୋଇପାରୁଛି ନମୁନା ପରୀକ୍ଷା। ଏହି କାରଣରୁ ଅନେକ ସମୟରେ ଜୀବଜନ୍ତୁଙ୍କ ଅକାଳ ମୃତ୍ୟୁ ଘଟୁଥିବା ବେଳେ ଏହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ବନ୍ୟପ୍ରାଣୀପ୍ରେମୀ।

### ରେସ୍‌କ୍ୟୁ ସେଣ୍ଟରରେ ଗଲାଣି ୫ ହାତୀଙ୍କ ଜୀବନ

୧୯୭୯ ଜାନୁୟାରୀ ୨୬ରେ କପିଳାସ ପାଦଦେଶରେ ୫ ହେକ୍ଟର ଜାଗାରେ ଡିଅର ପାର୍କ ପଡ଼ିଥିଲା କପିଳାସ ପ୍ରାଣୀ ଉଦ୍ୟାନର ଭିତ୍ତି। ୧୯୮୬ ଏପ୍ରିଲ ୧ରେ ଏହାକୁ ମିଳିଥିଲା ଜୁ’ର ମାନ୍ୟତା। ୨୬.୬୪ ଏକର ବିଶିଷ୍ଟ ଏହି ଚିଡ଼ିଆଖାନାକୁ ୧୯୯୫ ଏପ୍ରିଲ୍ ୧ରେ ସେଣ୍ଟ୍ରାଲ ଜୁ’ ଅଥରିଟି ଅଫ୍ ଇଣ୍ଡିଆର ମାନ୍ୟତା ମିଳିଛି। ଏଠାରେ ହାତୀ, କୁମ୍ଭୀର, ହରିଣ, ଭାଲୁ, ସମ୍ବର, ମିଥୁନ ଗାଇ, ଠେକୁଆ, ଅହିରାଜ, ଅଜଗର ସାପ ସମେତ ବିଭିନ୍ନ ପ୍ରଜାତିର ପକ୍ଷୀଅଛନ୍ତି। ୨୦୦୭ରୁ ଆରମ୍ଭ ହୋଇଥିବା ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟରରେ ଢେଙ୍କାନାଳ, ଅନୁଗୋଳ, ବ୍ରହ୍ମପୁର, ସମ୍ବଲପୁର, ବରଗଡ଼, କେନ୍ଦୁଝରରୁ ଉଦ୍ଧାର ହୋଇ ଆସିଥିବା ୭ ହାତୀ ଅଛନ୍ତି। ଆବଶ୍ୟକ ଚିକିତ୍ସା ଅଭାବରୁ ବିଭିନ୍ନ ସମୟରେ ୫ ହାତୀ ଛୁଆଙ୍କ ମୃତ୍ୟୁ ଘଟିସାରିଛି।

ଢେଙ୍କାନାଳ ପର୍ଯ୍ୟଟନ ମାନଚିତ୍ରରେ ଯୋଡ଼ିହୋଇଛି କପିଳାସ ବନ୍ୟପ୍ରାଣୀ ଉଦ୍ୟାନ। ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖରଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନେ ଏଠାକୁ ଆସିବାକୁ ଭୁଲି ନ ଥାନ୍ତି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ, ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ଜୁ’ର କଳେବର ବଦଳାଇବାକୁ ଉଦ୍ୟମ ଚାଲିଛି। ଏଥିପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏକାଧିକ ପ୍ରସ୍ତାବ ରାଜ୍ୟ ସରକାରଙ୍କ ନିକଟରେ ପଡ଼ିରହିଛି। ଏପରି କି ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ନୂଆ ଜୀବଜନ୍ତୁଙ୍କୁ ଆଣିବା ଲାଗି ଯୋଜନା ଚାଲିଛି। ହେଲେ ଜୀବଜନ୍ତୁଙ୍କୁ ଆଶୁ ଚିକିତ୍ସା ଯୋଗାଇ ଦେବା ପାଇଁ ଏକ ସ୍ଥାୟୀ ପ୍ରାଣୀ ଚିକିତ୍ସା କେନ୍ଦ୍ର ଖୋଲିବା ପାଇଁ ଯେଭଳି ତତ୍ପରତା ପ୍ରକାଶ ପାଇବା କଥା, ତାହା ଦେଖିବାକୁ ମିଳୁନାହିଁ। ଏତେ ବନ୍ୟପ୍ରାଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିବା ପାଇଁ ବନ ବିଭାଗ ପକ୍ଷରୁ ମାତ୍ର ଜଣେ ବିଶେଷଜ୍ଞ ଏବଂ ଅନ୍ୟ ଜଣେ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି, ତାହା ମଧ୍ୟ ଠିକାରେ। କିନ୍ତୁ ଚିକିତ୍ସା ପାଇଁ ଆବଶ୍ୟକ ସରଞ୍ଜାମ ଅଭାବ ଅନ୍ୟ ଏକ ପ୍ରମୁଖ ସମସ୍ୟା ପାଲଟିଛି। ରୋଗାକ୍ରାନ୍ତ ପ୍ରାଣୀଙ୍କ ନମୁନା ପରୀକ୍ଷଣ ପାଇଁ କୌଣସି ସୁବିଧା ନାହିଁ। ଆବଶ୍ୟକ ସମୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)କୁ ନମୁନା ପଠାଯାଉଛି। ଏହାର ରିପୋର୍ଟ ଆସିବାକୁ ବହୁ ଦିନ ଲାଗିଯାଉଛି। ରୋଗ ଚିହ୍ନଟରେ ସମସ୍ୟା ଉପୁଜିଲେ ଆବଶ୍ୟକସ୍ଥଳେ ନନ୍ଦନକାନନ, ସାତକୋଶିଆରୁ ବିଶେଷଜ୍ଞ ଆସୁଛନ୍ତି। ଏହା ସମୟସାପେକ୍ଷ ହେଉଥିବାବେଳେ ବନ୍ୟପ୍ରାଣୀଙ୍କ ଜୀବନ ଚାଲିଯାଉଛି। ଅଧିକାଂଶ ସମୟରେ ଏଭଳି ସମସ୍ୟା ଉପୁଜୁଥିବାବେଳେ କପିଳାସ ଚିଡ଼ିଆଖାନାରେ ନନ୍ଦନକାନନ, ସାତକୋଶିଆ ଭଳି ସ୍ଥାୟୀ ବନ୍ୟପ୍ରାଣୀ ଚିକିତ୍ସାକେନ୍ଦ୍ର ଖୋଲିବା, ରୋଗ ପରୀକ୍ଷା ପାଇଁ ଆବଶ୍ୟକ ସରଞ୍ଜାମ ଯୋଗାଇଦେବା, ସ୍ଥାୟୀ କର୍ମଚାରୀ ନିଯୁକ୍ତି ଦେବାକୁ ଦାବି ହେଉଛି।

#### ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଜରୁରୀ



କପିଳାସ ପ୍ରାଣୀ ଉଦ୍ୟାନରେ ରାଜ୍ୟସ୍ତରରେ ଏକମାତ୍ର ହାତୀ ଉଦ୍ଧାର କେନ୍ଦ୍ର ରହିଛି। ବିଭିନ୍ନ ପ୍ରଜାତିର ଜୀବଜନ୍ତୁ ମଧ୍ୟ ଅଛନ୍ତି। ତେଣୁ ସେଠାରେ ବନ୍ୟପ୍ରାଣୀ ଚିକିତ୍ସା କେନ୍ଦ୍ର ସମେତ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଜରୁରୀ ହୋଇପଡ଼ିଛି।

-ପ୍ରଦ୍ୟୁମ୍ନ ରଥ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ

#### ଚିକିତ୍ସା ସେବା ବ୍ୟବସ୍ଥିତ ହେବା ଉଚିତ



ପୂର୍ବରୁ ଗଁଦିଆ କିମ୍ବା କାଇମାଟିରୁ ପ୍ରାଣୀ ଚିକିତ୍ସକଙ୍କୁ ଅଣାଯାଇ ଚିକିତ୍ସା କରାଯାଉଥିଲା। ଏବେ ଠିକାରେ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଇଛି। ଜୀବଜନ୍ତୁଙ୍କ ଚିକିତ୍ସା ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ଜରୁରୀ ।

-ରାଜେନ୍ଦ୍ର ପାଣିଗ୍ରାହୀ, ବନ୍ୟପ୍ରାଣୀ ବିଶେଷଜ୍ଞ

#### ନମୁନା ପରୀକ୍ଷା ପାଇଁ ସରଞ୍ଜାମ ଆବଶ୍ୟକ



କପିଳାସ ପ୍ରାଣୀ ଉଦ୍ୟାନରେ ଓଡ଼ିଶାର ଏକମାତ୍ର ହାତୀ ଉଦ୍ଧାର କେନ୍ଦ୍ର ରହିଛି। ରୋଗାକ୍ରାନ୍ତ ହାତୀଙ୍କ ଚିକିତ୍ସା ପାଇଁ ୨ଜଣ ସ୍ୱତନ୍ତ୍ର ପ୍ରାଣୀ ବିଶେଷଜ୍ଞ ସମେତ ସମସ୍ତ ଚିକିତ୍ସା ସରଞ୍ଜାମ ରଖାଯିବା ନିହାତି ଜରୁରୀ। ଏଥିସହ ଏକ ସ୍ଥାୟୀ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା ହେବା ଦରକାର।

-ଅରବିନ୍ଦ ମାଝି, ହସ୍ତୀ ବିଶେଷଜ୍ଞ

#### ୧୫ଦିନରେ ହାତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି



କପିଳାସ ଜୁ’ରେ ବନ୍ୟପ୍ରାଣୀଙ୍କ ଚିକିତ୍ସା ପାଇଁ ଅଭିଜ୍ଞତା ସମ୍ପନ୍ନ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ଜଣେ ସହଯୋଗୀ କର୍ମଚାରୀଙ୍କୁ ଠିକାରେ ରଖାଯାଇଛି। ପ୍ରତି ୧୫ଦିନରେ ଥରେ ହାତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ସ୍ଥାୟୀ ପ୍ରାଣୀ ଚିକିତ୍ସା କେନ୍ଦ୍ର ପାଇଁ ନିର୍ଦ୍ଦେଶନାମା ଆସିନାହିଁ। ମିଳିଥିବା ୩୦ଲକ୍ଷ ଟଙ୍କା ଅନୁଦାନରେ ଚିକିତ୍ସା ସରଞ୍ଜାମ କିଣାଯାଉଛି। ଖୁବ୍‌ଶୀଘ୍ର ଏଥିଲାଗି ଏକ ସ୍ୱତନ୍ତ୍ର ଘର ନିର୍ମାଣ କରାଯିବ।

-ଡ. ପ୍ରକାଶଚାନ୍ଦ ଗୋଗିନେନି, ଜିଲା ବନଖଣ୍ଡ ଅଧିକାରୀ

# ଥାନାରେ ଏତଲା ଦେଲା ସ୍ୱାଭିମାନ ମଞ୍ଚ

### ବେଆଇନ ଚେକ୍‌ଗେଟ୍ କରି ଟଙ୍କା ଆଦାୟ ପ୍ରସଙ୍ଗ

**ଢେଙ୍କାନାଳ ଅଫିସ, ୨୪।୭**



ଦେଓଗାଁଠାରେ କରାଯାଇଥିବା ଗେଟ୍।



ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳ
Vehicle No............... Sl.No......116....
KAPILAS TEMPLE TOLLGATE & PARKING STAND
କପିଳାସ ମନ୍ଦିର ଟୋଲଗେଟ୍ ଓ ପାର୍କିଂ ଷ୍ଟାଣ୍ଡ
Rs. 200/- (Rupees Two hundred only)
For BUS, TRUCK
Date : 24/07/25/07 Signature
N.B. : This Receipt valid for 8 hours inside the Area & Invild if once exist.

ପାର୍କିଂ ଫି’ ରସିଦ୍।

ଢେଙ୍କାନାଳ–ମନ୍ଦାର ପୂର୍ତ୍ତ ବିଭାଗ ରାସ୍ତାର ଦେଓଗାଁ ସ୍କୁଲ ଏବଂ ପୂର୍ତ୍ତ ବିଭାଗ ଯାତ୍ରୀ ସୁବିଧା କେନ୍ଦ୍ର ସମ୍ମୁଖରେ ବେଆଇନ୍ ଚେକ୍‌ଗେଟ୍ ନିର୍ମାଣ କରି ଯାତ୍ରୀଙ୍କଠାରୁ ଜବରଦସ୍ତ ଟଙ୍କା ଆଦାୟ କରାଯିବା ପ୍ରସଙ୍ଗ ଥାନାରେ ପହଞ୍ଚିଛି। ଏ ନେଇ ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚ ପକ୍ଷରୁ ୨୨ ତାରିଖରେ ଗଁଦିଆ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀଙ୍କ ଅବଗତି ନିମନ୍ତେ ମଧ୍ୟ ଜଣାଯାଇଥିବା ମଞ୍ଚର ଆବାହକ ନବୀନ ନନ୍ଦ ସୂଚନା ଦେଇଛନ୍ତି।

ଅଭିଯୋଗରୁ ଜଣାପଡ଼ିଛି, କପିଳାସ ଚେକ୍‌ଗେଟ୍ ଓ ପାର୍କିଂ ଅଞ୍ଚଳ ନିଲାମ ଦିଆଯାଇଛି। ନିୟମ ଅନୁଯାୟୀ ଯେଉଁ ଯାତ୍ରୀମାନେ ଚାରିଚକିଆ ଯାନରେ କପିଳାସ ପୀଠକୁ ଦର୍ଶନ କରିବାକୁ ଯିବେ, ସେହିମାନେ ଦେବୋତ୍ତର ବିଭାଗ ଦ୍ୱାରା ଧାର୍ଯ୍ୟ ଟୋଲ୍ ଫି’ ଦେବେ। ସେହିପରି ଯେଉଁ ଯାତ୍ରୀମାନେ ନିଜର ଯାନବାହନ ପାର୍କିଂ ଅଞ୍ଚଳରେ ରଖିବେ ସେମାନେ ନିର୍ଦ୍ଧାରିତ ଟିକସ ଦେବେ। କିନ୍ତୁ ଏବେ କପିଳାସ ପାଦଦେଶରେ ଥିବା ପ୍ରାଣୀ ଉଦ୍ୟାନ, ସାଇନ୍ସ ପାର୍କକୁ ବୁଲିବାକୁ କିମ୍ବା ଭୋଜି କରିବାକୁ ଚାରିଚକିଆ ଯାନରେ ଆସିଲେ ସମ୍ପୃକ୍ତ ଯାତ୍ରୀଙ୍କଠାରୁ ମଧ୍ୟ ଟୋଲ୍ ଫି’, ପାର୍କିଂ ଫି’ ଆଦାୟ କରାଯାଉଛି। ଏହା ବେଆଇନ ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଦେବୋତ୍ତର ବିଭାଗ ପକ୍ଷରୁ କପିଳାସ ପାଦ ଦେଶରେ ଥିବା ଏକ ହୋଟେଲ ନିକଟସ୍ଥ ଜାଗାରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ଏହାକୁ କୌଣସି ଅଧିକାରୀ ତଦାରଖ କରୁନାହାନ୍ତି। ଜିଲା ପ୍ରଶାସନ ଓ ଦେବୋତ୍ତର ଅଧିକାରୀଙ୍କୁ ଅବଗତ କରାଯିବା ସତ୍ତ୍ୱେ ଚେକ୍ ଗେଟ୍ ହଟୁନାହିଁ। ଏହାର ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ବେନିୟମ ଭାବେ ଫି’ ଆଦାୟ ବନ୍ଦ କରାଯିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

ଅନ୍ୟପଟେ ବସ୍, ଟ୍ରକ୍‌ରୁ ଫି’ ଆଦାୟ ପରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳ ଓ କପିଳାସ ମନ୍ଦିର ଟୋଲ ଗେଟ୍ ଓ ପାର୍କିଂ ଷ୍ଟାଣ୍ଡ ଲେଖାଥିବା ୨୦୦ ଟଙ୍କାର ରସିଦ ଦିଆଯାଉଛି। ତେବେ ଏଥିରେ ଗାଡି ନମ୍ବର ଉଲ୍ଲେଖ କରା ନ ଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି, ଯାହା ତଦନ୍ତ ସାପେକ୍ଷ।

ଏ ସଂକ୍ରାନ୍ତରେ ଗଁଦିଆ ଥାନାଧିକାରୀ ସତ୍ୟବ୍ରତ ଭୂଟିଆ କୁହନ୍ତି, ଲିଖିତ ଅଭିଯୋଗ ମିଳିଛି। ଦେବୋତ୍ତର ଅଧିକାରୀ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଆଲୋଚନା କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଗୋଟିଏ ଗେଟ୍‌କୁ ସେମାନେ ବନ୍ଦ କରିଥିବା କହୁଛନ୍ତି। ଅନ୍ୟ ଗେଟ୍‌ଗୁଡ଼ିକ ପୂର୍ବରୁ ଥିବା ଦେବୋତ୍ତର କର୍ମଚାରୀ କହୁଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# କ୍ଷେତ୍ର ପରିଦର୍ଶନରୁ ଶିଖିଲେ ସରପଞ୍ଚ

**ଢେଙ୍କାନାଳ ଅଫିସ,୨୪।୭**

ଢେଙ୍କାନାଳ ଜିଲା ପଞ୍ଚାୟତ ସାଧନ କେନ୍ଦ୍ରରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଏବଂ ଜିଲା ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଛି ୫ଦିନିଆ ସରପଞ୍ଚ ତାଲିମ ଶିବିର। ଏଥିରେ ଅଂଶଗ୍ରହଣ କରିଥିବା ସଦର ବ୍ଲକର ୩୦ ଏବଂ କାମାକ୍ଷାନଗର ବ୍ଲକର ୨୨ ସରପଞ୍ଚ ସାମୂହିକ ଭାବେ ଚାଉଳିଆ ପଞ୍ଚାୟତ ପରିଦର୍ଶନ କରିଛନ୍ତି। ସେଠାରେ ଥିବା କଲ୍ୟାଣ ମଣ୍ଡପ, ରୁରାଲ ପାର୍କ, ପୁଷ୍କରିଣୀ ଏବଂ ମନ୍ଦିର ଜନସାଧାରଣଙ୍କ ଚିତ୍ତ ବିନୋଦନ ପାଇଁ ସୁଯୋଗ ସୃଷ୍ଟି କରିପାରିଛି। ପଞ୍ଚାୟତ ଉଦ୍ୟମରେ ଏଭଳି ବିକାଶମୂଳକ କାର୍ଯ୍ୟକ୍ରମ ହୋଇପାରିଛି ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ପଞ୍ଚାୟତର ବିଭିନ୍ନ ରେଜିଷ୍ଟର, ରେକର୍ଡ, ବିବରଣୀ ପୁସ୍ତିକା, ୱାର୍କ ଅର୍ଡର ପରିଚାଳନା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷକ ଶିଶିର ଶତପଥୀ, ପ୍ରଳୟ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରପଞ୍ଚ ବାବୁଲି ରାଉତ, ନିର୍ବାହୀ ଅଧିକାରୀ ଦେବ ଦାସ ପଞ୍ଚାୟତର କାର୍ଯ୍ୟାବଳୀ ସମ୍ପର୍କରେ ଅବଗତ କରାଇଥିଲେ। ସଦର ବ୍ଲକ ଉପାଧ୍ୟକ୍ଷ କାଳିନ୍ଦୀ ବାରିକ, ରାୟନୃସିଂହପୁର ସରପଞ୍ଚ ଶିଶିର ବେହେରା ପ୍ରମୁଖ ପରିଦର୍ଶନର ଅନୁଭୂତି ବର୍ଣ୍ଣନା କରିଥିଲେ।



ସରପଞ୍ଚମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# ଦାବି ପୂରଣରେ ବିଳମ୍ବକୁ ନେଇ କ୍ଷୋଭ

### ପ୍ରାଣୀଧନ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ସମ୍ମିଳନୀ

**ଢେଙ୍କାନାଳ ଅଫିସ, ୨୪।୭**

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ଶାଖାର ୨୧ତମ ଜିଲାସ୍ତରୀୟ ତ୍ରୈବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦାବିପୂରଣରେ ଅହେତୁକ ବିଳମ୍ବକୁ ନେଇ କ୍ଷୋଭ ପ୍ରକାଶ ପାଇଥିଲା।

ସଂଘର ସଭାପତି ପ୍ରଭାତ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ପୂର୍ବତନ ଜିଲା ସମ୍ପାଦକ ଚୈତନ୍ୟ ପ୍ରସାଦ ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଉମ୍ବରୁଧର ସାମଲ, ମୁଖ୍ୟବକ୍ତା ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଦୀପ ମିଶ୍ର ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଉପଖଣ୍ଡ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାତ୍ର, ହିନ୍ଦୋଳ ଉପଖଣ୍ଡ ପ୍ରାଣୀଧନ ଚିକିତ୍ସାଧିକାରୀ ତପନ କୁମାର ବେଉରା ଯୋଗଦେଇ କ୍ଷେତ୍ର କର୍ମଚାରୀମାନେ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ। ଯେଉଁ ପଞ୍ଚାୟତରେ ଏଲ୍‌ଆଇ, ଭିଟି ନାହାନ୍ତି, ସେଠାରେ ମୈତ୍ରୀ ପଦବୀ ସୃଷ୍ଟି କରିବା ଲାଗି ସରକାର ଯୋଜନା କରୁଛନ୍ତି। ୩ ମାସିଆ ତାଲିମ ଦେଇ ଏହି ପଦବୀ ପୂରଣ କରିବାକୁ ମସୁଧା କରାଯାଉଛି। ଏହାଦ୍ୱାରା ପ୍ରାଣୀପାଳକଙ୍କ ଭବିଷ୍ୟତକୁ ପରୋକ୍ଷରେ ଅନିଶ୍ଚିତତା ଭିତରକୁ ଠେଲି ଦିଆଯାଉଛି। ସେହିପରି ପ୍ରାଣୀଧନଙ୍କ ସୁରକ୍ଷା ଯୋଗାଉଥିବା କର୍ମଚାରୀଙ୍କୁ କୃଷି ସମେତ ଅନ୍ୟ ପଞ୍ଚାୟତସ୍ତରୀୟ ଯୋଜନାରେ ନିୟୋଜିତ କରାଯାଉଛି। ଏହା ଗ୍ରହଣୀୟ ନୁହେଁ ବୋଲି ମତପ୍ରକାଶ ପାଇଥିଲା। ଜିଲା ସମ୍ପାଦକ ଜ୍ୟୋତିରଞ୍ଜନ ବରାଳ ସମ୍ପାଦକୀୟ ପାଠ କରିଥିଲେ।

ଆଗାମୀ ୩ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ପ୍ରଭାତ ପଟ୍ଟନାୟକ, ଉପସଭାପତି ଶୋଭନ ଦାସ, ମୌନାବତୀ ତରାଇ, ସମ୍ପାଦକ ଦୀପକ ରାଉତ, କୋଷାଧ୍ୟକ୍ଷ ସନ୍ତୋଷ ସାମନ୍ତ, ସଙ୍ଗଠନ ସମ୍ପାଦକ ଜ୍ୟୋତିରଞ୍ଜନ ବରାଳ, ଚିଫ୍ ପେନ୍ ସୁନୀଲ ବାରିକ ଏବଂ ବୁଥ ଲିଡର ଭାବେ ସଦର ଉପଖଣ୍ଡ ପାଇଁ ବିଦ୍ୟାଧର ବିଶ୍ୱାଳ, ହିନ୍ଦୋଳ ଉପଖଣ୍ଡ ପାଇଁ ପ୍ରଦୀପ ଦାସ, କାମାକ୍ଷାନଗର ଉପଖଣ୍ଡ ପାଇଁ ହୃଷୀକେଶ ବେହେରା ନିର୍ବାଚିତ ହୋଇଛନ୍ତି।




ସମ୍ମିଳନୀରେ ପ୍ରାଣୀଧନ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ।

# ବୃଦ୍ଧଙ୍କ ନାମରେ ୨ ମୃତ୍ୟୁ ପ୍ରମାଣପତ୍ର

- ଜମି ପାଇଁ ପୁଅ, ସମ୍ପର୍କୀୟ ମୁହାଁମୁହିଁ
- ଜିଲାପାଳ ଦେଲେ ତଦନ୍ତ ନିର୍ଦ୍ଦେଶ

**ପରଜଙ୍ଗ, ୨୪।୭(ଡି.ଏନ୍.ଏ.)**



ମୃତ ସୁଦେଇଙ୍କ ପୁଅ ତଥା ଅଭିଯୋଗକାରୀ ପ୍ରସନ୍ନ ଭୂୟାଁ।

ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ। ମଣିଷ ଥରେ ଜନ୍ମ ହୁଏ ଏବଂ ଥରେ ମରେ। ହେଲେ ଜଣେ ବୃଦ୍ଧଙ୍କ ନାମରେ ଇସ୍ୟୁ କରାଯାଇଛି ଦୁଇଟି ମୃତ୍ୟୁ ପ୍ରମାଣପତ୍ର। ଅର୍ଥାତ୍ ସେ ଦୁଇଥର ମରିଛନ୍ତି ବୋଲି ଦସ୍ତାବିଜ୍ ଦିଆଯାଇଛି, ତାହା ବି ସରକାରୀ ଭାବେ। ଜମିବାଡ଼ି ବିକ୍ରି ବିବାଦକୁ ନେଇ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ ଅଞ୍ଚଳରୁ ଆସିଛି ଏଭଳି ଏକ ଅଭିଯୋଗ। ଏହାକୁ ନେଇ ମୃତକଙ୍କ ପୁଅ ଏବଂ ଅନ୍ୟଜଣେ ସମ୍ପର୍କୀୟ ମୁହାଁମୁହିଁ ହୋଇଥିବାବେଳେ କୋର୍ଟକୁ ଯାଇଛି ମାମଲା। ଅନ୍ୟପଟେ ଜିଲାପାଳଙ୍କ ନିକଟକୁ ଏ ସଂକ୍ରାନ୍ତ ଅଭିଯୋଗ ଆସିବା ପରେ ପ୍ରଶାସନ ପକ୍ଷରୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ମୃତ ସୁଦେଇ ଭୂୟାଁଙ୍କ ପୁଅ ପ୍ରସନ୍ନଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ବାପାଙ୍କ ମୃତ୍ୟୁ ୮୦ବର୍ଷ ବୟସରେ ୧୯୮୧ ସେପ୍ଟେମ୍ବର ୮ରେ ହୋଇଥିଲା। ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ପ୍ରଦାନ କରାଯାଇଥିବା ମୃତ୍ୟୁ ପ୍ରମାଣପତ୍ର (ରେଜିଷ୍ଟ୍ରେଶନ ନଂ. ୭୬୧/୨୦୧୩)ରେ ଏହାକୁ ସ୍ୱାଭାବିକ ମୃତ୍ୟୁ ବୋଲି ଦର୍ଶାଯାଇଛି। ସେହିପରି ସୁଦେଇଙ୍କ ପୁତୁରା ହରେକୃଷ୍ଣ ଭୂୟାଁଙ୍କ ପୁଅ ହିମାଂଶୁଙ୍କୁ ଭିନ୍ନ ତଥ୍ୟ ଥିବା ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏଥିରେ ସୁଦେଇଙ୍କ ମୃତ୍ୟୁ ୬୫ବର୍ଷ ବୟସରେ ୧୯୮୪ ଫେବୃୟାରୀ ୨୭ରେ ହୋଇଥିବା ଦର୍ଶାଯାଇଛି। ସେହିପରି ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଉଲ୍ଲେଖ କରାଯାଇଛି। ଅନ୍ୟପଟେ ୧୯୮୩ ମାର୍ଚ୍ଚ ୧୭ରେ ପରଜଙ୍ଗ ରେଜେଷ୍ଟ୍ରୀ ଅଫିସରେ ହୋଇଥିବା କବଲାରେ ସୁଦେଇ ତାଙ୍କ ନାମରେ ଥିବା ଖତିୟାନ ସଂଖ୍ୟା–୬୨୨, ପ୍ଲଟ ନଂ–୨୪୭୮ର ୨୬ ଡେସିମିଲି ଜାଗାରୁ ୨୦ ଡେସିମିଲି ୮ କଡ଼ି ଜାଗା ହରେକୃଷ୍ଣଙ୍କୁ ବିକ୍ରି କରିଥିବା ଉଲ୍ଲେଖ ରହିଛି। ଏପରି କି ପରଜଙ୍ଗ ତହସିଲ କାର୍ଯ୍ୟାଳୟରୁ ୨୦୧୯ରେ ଏ ସଂକ୍ରାନ୍ତ ପଟ୍ଟା ହରେକୃଷ୍ଣଙ୍କୁ ପ୍ରଦାନ କରାଯାଇଛି। ଏହାକୁ ନେଇ କୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି ପ୍ରସନ୍ନ। ବାପାଙ୍କ ନାମରେ ଥିବା ଜମିକୁ ଚକ୍ରାନ୍ତ କରି ହଡ଼ପ କରାଯାଇଛି। ଏ ନେଇ ଜିଲାପାଳ, ତହସିଲଦାରଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଘଟଣାର ତଦନ୍ତ କରିବାକୁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ପ୍ରସନ୍ନ କହିଛନ୍ତି। ଅନ୍ୟପଟେ ହରେକୃଷ୍ଣ ଏବଂ ତାଙ୍କ ପୁଅ ହିମାଂଶୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଜମିବିକ୍ରିରେ କୌଣସି ଚକ୍ରାନ୍ତ ହୋଇ ନ ଥିବା ସେମାନେ କହିଛନ୍ତି।

ଅନ୍ୟପଟେ ଯଦି ବୃଦ୍ଧଙ୍କ ମୃତ୍ୟୁ ୧୯୮୧ରେ ହୋଇଥାଏ ତେବେ ସେ ୧୯୮୩ରେ ଜମି ବିକ୍ରି କିପରି କଲେ, ତାହାକୁ ନେଇ ସନ୍ଦେହ ବଢ଼ିଛି। ସେହିପରି ଜଣେ ବ୍ୟକ୍ତିଙ୍କ ନାମରେ ଦୁଇଥର ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରାଯିବା ପଛରେ କି ରହସ୍ୟ ରହିଛି, ଏଥିରେ ଟଙ୍କା କାରବାର ହୋଇଛି କି ନାହିଁ, ପ୍ରକୃତରେ କିଏ ସତ କହୁଛି ତାହା ତଦନ୍ତ କରାଗଲେ ଧରାପଡ଼ିବ ବୋଲି ଚର୍ଚ୍ଚା ହେଉଛି।

ଏ ସଂକ୍ରାନ୍ତରେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ କୁହନ୍ତି, ମୃତ୍ୟୁ ପ୍ରମାଣପତ୍ରର ସତ୍ୟତା ଯାଞ୍ଚ କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି କରାଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଏଥିରେ କୌଣସି ଚକ୍ରାନ୍ତ ହୋଇଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

